# କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ :

## ସମ୍ମିଳିତ ଭାବରେ ମାଓବାଦୀଙ୍କ ମୁକାବିଲା କରିବା ପାଇଁ ଆହ୍ୱାନ

ତା ୨୬.୦୧. ୬୧ତମ ସାଧାରଣତନ୍ତ୍ର ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ମାନ୍ୟବର କ୍ରୀଡା ଓ ଯୁବ ବ୍ୟାପାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ସମ୍ବିଧାନ ପ୍ରଣେତା ଡ଼ଃ ବି.ଆର. ଆମ୍ବେଦକର ଓ ଅନ୍ୟାନ୍ୟ ମହାମନିଷୀମାନଙ୍କର ସ୍ମୃତି ଚାରଣ କରି ସେମାନଙ୍କର କଷ୍ଟଲବ୍ଧ ସ୍ୱାଧୀନତା ଓ ସାଧାରଣତନ୍ତ୍ରକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ରାଜ୍ୟରେ ବୃଦ୍ଧି ପାଉଥିବା ମାଓବାଦୀ କାର୍ଯ୍ୟକଳାପକୁ ସାମୁହିକ ଭାବରେ ଜନସାଧାରଣ ପ୍ରତିହତ କରିବା ପାଇଁ ଆଗେଇ ଆସିବାକୁ ମାନ୍ୟବର ମନ୍ତ୍ରୀ ନିବେଦନ କରିଥିଲେ । ଆମ ସରକାର ଲୋକ ମାନଙ୍କର ସରକାର ଏବଂ ଲୋକମାନଙ୍କ ପାଇଁ ବିଭିନ୍ନ ଜନହିତକର ଦାରିଦ୍ର୍ୟ ଦୂରୀକରଣ ଯୋଜନାମାନ ପ୍ରଣୟନ କରୁଛନ୍ତି ବୋଲି ସେ କହିଥିଲେ । ଭୂମିହୀନ ଆଦିବାସୀମାନଙ୍କ ବିକାଶ ଦିଗରେ ସରକାରଙ୍କ ବିଭିନ୍ନ ଯୋଜନା, ମୋ ଜମି ମୋ ଡିହ କାର୍ଯ୍ୟକ୍ରମ, ସାମାଜିକ ନିରାପତ୍ତା ପାଇଁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଅକର୍ମଣ୍ୟ ଭତ୍ତା, ଜନନୀ ସୁରକ୍ଷା ଯୋଜନା, ମିଶନ ଶକ୍ତି, ପାଣି ପଞ୍ଚାୟତ, ମଧୁବାବୁ ପେନସନ୍ ଯୋଜନା, ବିଜୁ ଗ୍ରାମ୍ୟ ଜ୍ୟୋତି ଏବଂ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହେଉଅଛି । ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲା ଶିଳ୍ପ କ୍ଷେତ୍ରରେ ଆଗାମୀ ଦିନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ଜନସାଧାରଣଙ୍କ ସହଯୋଗ ବିନା କେନ୍ଦୁଝର ଜିଲ୍ଲାରେ ଶିଳ୍ପର ପ୍ରସାର କିମ୍ବା ଜିଲ୍ଲାର ବିକାଶ ହୋଇ ପାରିବ ନାହିଁ ବୋଲି ସେ କହିଥିଲେ । ଶିଳ୍ପ ପ୍ରତିଷ୍ଠା ହେଲେ ଜନସାଧାରଣଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଏହି ଜିଲ୍ଲା ରାଜ୍ୟରେ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ ।

ଏନ୍.ସି.ସି., ଗାଇଡ୍, ରେଡ୍‌କ୍ରସ୍, ସ୍କାଉଟ୍, ସାଧାପୋଷାକଧାରୀ ୪୭ ଗୋଟି ଦଳ ଚିତ୍ତାକର୍ଷକ ପ୍ୟାରେଡ୍ ପ୍ରଦର୍ଶନ କରିଥିଲେ । ଶ୍ରେଷ୍ଠ ରେଡ୍‌କ୍ରସ ଦଳ ଭାବେ ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟ, ଏନ୍.ସି.ସି.ରେ ଏନ୍.ଏସ୍. ପୋଲିସ୍ ହାଇସ୍କୁଲ୍ ବରିଷ୍ଠ ସାଧାପୋଷାକଧାରୀ ଦଳର ବାଳକ ବିଭାଗରେ ନିର୍ମଳା କନ୍‌ଭେଣ୍ଟ ସ୍କୁଲ ଓ ବାଳିକା ବିଭାଗରେ ଟାଉନ୍ ଗାର୍ଲସ୍ ହାଇସ୍କୁଲ୍, କନିଷ୍ଠ ସାଧାପୋଷାକଧାରୀ ଦଳର ବାଳକ ବିଭାଗରେ ଏକଲବ୍ୟ ମଡେଲ୍ ସ୍କୁଲ, ରାଙ୍କି ଓ ବାଳିକା ବିଭାଗରେ ସେଣ୍ଟ ଜାଭିୟରସ୍ ସ୍କୁଲ୍, କେନ୍ଦୁଝର ପୁରସ୍କୃତ ହୋଇଥିଲେ । ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ହୋଇଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ଓ ଦ୍ୱିତୀୟ ହୋଇଥିବା ନିର୍ମଳା କନ୍‌ଭେଣ୍ଟ ସ୍କୁଲକୁ ପୁରସ୍କୃତ କରାଯାଇଥିବାବେଳେ ଓ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କ୍ଷେତ୍ରରେ ପ୍ରୟାସ ମାନସିକ ଅନଗ୍ରସର ଶିକ୍ଷାନୁଷ୍ଠାନକୁ ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ପୁରସ୍କୃତ କରାଯାଇଥିଲା । ଚିତାକର୍ଷକ ଡାଇକୋଣ୍ଡ କାର୍ଯ୍ୟକ୍ରମ ପ୍ରଦର୍ଶନ ପାଇଁ କେନ୍ଦୁଝର ପ୍ରେସ୍ କ୍ଲବ୍ ତରଫରୁ ପୁରସ୍କୃତ କରାଯାଇଥିଲା ।

ପଞ୍ଚାୟତିରାଜ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଥିବାରୁ କେନ୍ଦୁଝର ଜିଲ୍ଲା ପରିଷଦର ସଭାପତି ଶ୍ରୀଯୁକ୍ତ ବନବିହାରୀ ପହିଙ୍କୁ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ପଦକ ଓ ମାନପତ୍ର ରାଜ୍ୟ ସରକାରଙ୍କ ମାଧ୍ୟମରେ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ଜିଲ୍ଲାର ଶ୍ରେଷ୍ଠ ବ୍ଲକ୍ ଭାବେ ଝୁମ୍ପୁରା ବ୍ଲକ୍‌କୁ ନଳିନୀ ରଞ୍ଜନ ମିଶ୍ର ସ୍ମାରକୀ ସିଲ୍ଡ୍ ପ୍ରଦାନ କରାଯାଇଥିଲା । ରେଡ୍‌କ୍ରସ୍ କ୍ଷେତ୍ରରେ ଶ୍ରେଷ୍ଠ ସଂଗଠକ ଭାବେ ଶ୍ରୀ ଧିରେନ୍ଦ୍ର କୁମାର ରାଉତ ଏବଂ ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟ ଭାବରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ କର୍ମଚାରୀ ସାମିଲ୍ ହୋଇଥିବାରୁ ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ରେଡ୍‌କ୍ରସ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆମ ଓଡ଼ିଶା ଅନୁଷ୍ଠାନ କେନ୍ଦୁଝର ଶାଖାର ଶ୍ରୀ ସଂଗ୍ରାମ କେଶରୀ ସିଂ ଙ୍କୁ ସ୍ୱତନ୍ତ୍ର ପୁରସ୍କୃତ ପ୍ରଦାନ କରାଯାଇଥିଲା । ଜିଲ୍ଲାର ଶ୍ରେଷ୍ଠ ଏ.ଏନ୍.ଏମ୍. ଭାବେ ଶ୍ରୀମତୀ କଳ୍ପନାରାଣୀ ପାତ୍ର, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ଭାବେ ଗୋପୀନାଥପୁର ସଦର ଆଇ.ସି.ଡି.ଏସ୍.ର ମମତାରାଣୀ ବେହେରା, ଶ୍ରେଷ୍ଠ ଉଦ୍ୟାନବିତ୍ ଭାବରେ ଶ୍ରୀ ସଚିଦାନନ୍ଦ ପ୍ରଧାନ, ଶ୍ରେଷ୍ଠ କୃଷକ ଭାବରେ କେନ୍ଦୁଝର ଉପଖଣ୍ଡରୁ ଶ୍ରୀ କିର୍ତ୍ତନ ବିହାରୀ ସାମଲ୍, ଚମ୍ପୁଆ ଉପଖଣ୍ଡରୁ ଶ୍ରୀ ମୋତିଲାଲ୍ ସାହୁ, ଆନନ୍ଦପୁର ଉପଖଣ୍ଡରୁ ଶ୍ରୀ ହୃଦାନନ୍ଦ ପଟ୍ଟନାୟକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ଓ ସିଦ୍ଧମଠାରେ ଅବସ୍ଥାପିତ ଅନ୍ଧ ମୂକ ବଧିର ଅନୁଷ୍ଠାନର ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା । ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ୍ ଗାନ କରାଯାଇଥିଲା । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରଭାତଫେରୀରେ ସହର ପରିକ୍ରମା କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସହରରେ ଅବସ୍ଥାପିତ ଜାତିର ପିତା ମହାତ୍ମା ଗାନ୍ଧୀ, ବିପ୍ଳବ ଧରଣୀଧର, ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁବାବୁ, ସମ୍ବିଧାନ ପ୍ରଣେତା ଡ଼ଃ ବି.ଆର୍. ଆମ୍ବେଦକର ଓ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ କେନ୍ଦୁଝର ଶାଖା ଅନୁକୂଲ୍ୟରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଜିଲ୍ଲାପାଳ ଶ୍ରୀମତୀ ଦେବଯାନୀ ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।

ମଧ୍ୟାହ୍ନ ୧୨ ଘଟିକା ସମୟରେ କେନ୍ଦୁଝର ଷ୍ଟାଡିୟମଠାରେ ଜିଲ୍ଲାପାଳଙ୍କ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ୍ ଖେଳ ଅନୁଷ୍ଠିତ ହୋଇଥିଲା । ଦିବା ୨ ଘଟିକା ସମୟରେ ସ୍ଥାନୀୟ ନଗର ଭବନ ଠାରେ ମିଳନୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ କବିତା ପାଠସବ ଓ ସନ୍ଧ୍ୟା ୬.୩୦ ମି. ସମୟରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀମତୀ ଦେବଯାନୀ ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦିବସର ବିଭିନ୍ନ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀମତୀ ଦେବଯାନୀ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ମୀନକେତନ ବେହେରା ସଂଯୋଜନା କରିଥିଲେ । ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଆଶିଷ କୁମାର ସିଂହଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୋଲିସ୍ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ଏହି ସମାରୋହରେ ସ୍ଥାନୀୟ ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସାମ୍ବାଦିକ ଯୋଗ ଦେଇଥିଲେ । ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା ।